ପ୍ରେସ୍ ନୋଟ୍

# ଅନୁଗୋଳ ଆଡଭାଣ୍ଟେଜ୍ ଉଦଯାପିତ ।

ଅନୁଗୋଳ,ତା. ୧୦.୦୫:- ଜିଲ୍ଲାର ପ୍ରଗତି ତଥା ଉନ୍ନତି ନିମନ୍ତେ ଶିଳ୍ପ ଓ ଖଣି କ୍ଷେତ୍ରରେ ନିବେଶକମାନଂକୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଅନୁଗୋଳ ଆଲୁମିନିୟମ ପାର୍କ ଠାରେ ଆଜି ୨ ଦିନିଆ ଅନୁଗୋଳ ଆଡଭାଣ୍ଟେଜ ଉଦଯାପିତ ହୋଇଯାଇଛି ।ମୁଖ୍ୟମନ୍ତ୍ରୀଙ୍କର ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଶ୍ରୀ ଅସିତ୍ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଯାପିତ କରିବା ସହ ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅନୁଗୋଳରେ ଶିଳ୍ପ ବଢିବା ସହ ଏହାର ଆନୁସଙ୍ଗୀକ ସୁବିଧା ଉପଲବଧ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଶିଳ୍ପ ହେଲେ ନିଯୁକ୍ତି ସୁଯୋଗ ବଢିବ ଏବଂ ଜିଲ୍ଲାର ଆର୍ଥିକ ମାନଦଣ୍ଡ ମଧ୍ୟ ବୃଦ୍ଧି ପାଇବ । ଏମ୍ ଏସ୍ଏମ୍ ଇ କାର୍ଯ୍ୟକାରିତାରେ କୌଣସି ଅସୁବିଧା ସୃଷ୍ଟି ହେଲେ ଜିଲ୍ଲାପାଳଙ୍କ ସହ ପରାମର୍ଶ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟରେ ଶିଳ୍ପ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏଁ ଦିପା (ଡିଷ୍ଟ୍ରିକଟ୍ ଇଣ୍ଡଷ୍ଟ୍ରିଆଲ ପ୍ରମୋସନ ଏଜେନ୍ସି ) ପ୍ରତିଷ୍ଠା କରାଯିବ । ଅନୁଗୋଳରେ ପ୍ରତିଷ୍ଠା ହୋଇଥିବା ଦିପାରେ ସ୍ଥାନୀୟ ପିଲାମାନେ ଯେଉଁମାନେ ଏମ୍ ବି ଏ କରିଥିବେ ସେମାନଂକୁ ନିଯୁକ୍ତି ଦିଆଯିବ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ । ନିବେଶକମାନେ ଶିଳ୍ପ ପ୍ରତିଷ୍ଠା ଦିଗରେ ଆଗ୍ରହ ପ୍ରକାଶ କରୁଛନ୍ତି । ସେମାନଂକୁ ରାସ୍ତା,ପାଣି,ବିଦ୍ୟୁତ୍,ଯାଗା ଓ ଅନ୍ୟାନ୍ୟ ଆନୁସଂଗୀକ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ସେ ପରାମର୍ଶ ଦେଇଥିଲେ । ଅନୁଗୋଳର ତଳମୁଳ ଠାରେ ଏମ୍ ଏସ୍ ଏମ୍ ଇ ପାଇଁ ୮୦ ଏକର ଯାଗା ସ୍ଥିର କରାଯାଇଛି ବୋଲି ସେ ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥିମାନଂକ ଦ୍ୱାରା ରିସୋର୍ସ ଏଫିସିଏନସ୍ ଆଣ୍ଡ ସର୍କୁଲାର ଇକୋନୋମି , ଲନଚିଙ୍ଗ୍ ଅଫ ସର୍କୁଲାର ଚ୍ୟାଲେଞ୍ଜ ଓ ଲନଚିଙ୍ଗ୍ ଅଫ ଇଣ୍ଟରିଂ ଡକ୍ୟୁମେଣ୍ଟ ୩ଟି ପୁସ୍ତକ ଉନ୍ମୋଚନ କରାଯାଇଥିଲା । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଂକୁ ସ୍ୱାଗତ ଜଣାଇବା ସହ ଅନୁଗୋଳ ଆଡଭାଣ୍ଟେଜର ପୃଷ୍ଠଭୂମୀ ସମ୍ପର୍କରେ ଆଲୋକପାତ କରିଥିଲେ । ଅନୁଗୋଳରେ ଖଣି ଓ ଶିଳ୍ପ ପାଇଁ ପ୍ରଚୁର ଭିତ୍ତିଭୂମୀ ଉପଲବଧ ଅଛି । ଏହାର ଉପଯୋଗ କରି ଜିଲ୍ଲାର ଉନ୍ନତି ତଥା ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ନିବେଶକ ଓ ଶିଳ୍ପଦ୍ୟୋଗୀମାନଂକୁ ଆମନ୍ତ୍ରିତ କରାଯାଇଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଶିଳ୍ପ ବିଭାଗର ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ ଆଲାମ ଓଡିଶାରେ ଏମ୍ ଏସ୍ ଏମ୍ ଇ ଓ ଇକୋ ସିଷ୍ଟମ

ଉପରେ ଆଲୋକପାତ କରିଥିଲେ । ଇଡ୍‌କୋ ଦ୍ୱାରା ଏମ୍ ଏସ୍ ଏମ୍ ଇ ପାଇଁ ରାସ୍ତା ଘାଟ ,ବିଜୁଳି ଓ ଜମି ଆଦି ସର୍ବନିମ୍ନ ଆବଶ୍ୟକତା ପୁରଣ କରାଯାଉଛି । ଏମ୍ ଏସ୍ ଏମ୍ ଇର ନିତୀ,ରିହାତି ଓ ଅନ୍ ଲାଇନ୍ ସେବା ଆଦି ବିଷୟରେ ସେ ଅବଗତ କରାଇଥିଲେ । ୟୁ ଏନ୍ ଇ ପିର ମୁଖ୍ୟ ଶ୍ରୀ ଅତୁଲ ବଗାଲ ପୋଷଣୀୟ ଉନ୍ନତି ଓ ଶିଳ୍ପର ସ୍ଥାୟୀ ବିକାଶ ଉପରେ ଆଲୋକପାତ କରିଥିଲେ । ଏମ୍ ଏସ୍ ଏମ୍ ଇର ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା ରାଜ୍ୟରେ ୧୯ ଲକ୍ଷ ଏମ୍ ଏସ୍ ଏମ୍ ଇ ଅଛି ବୋଲି ପ୍ରକାଶ କରିଥିଲେ ।ଓଡିଶା ଶିଳ୍ପର ପ୍ରଗତିରେ ପ୍ରତିଶୃତି ବଦ୍ଧ କହିବା ସହ ସର୍କୁଲାର ଇକୋନୋମି ଓ ପୋଷଣୀୟ ଉନ୍ନତିର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଓଡିଶା ଷ୍ଟାଟଅପର ନିର୍ବାହୀ ଅଧ୍ୟକ୍ଷ ଡ. ଓଁକାର ରାୟ ଷ୍ଟାଟଅପ୍ ଇକୋ ସିଷ୍ଟମର ସମର୍ଥନ ଓ ଏହାର ସାଧାରଣ ସମୀକ୍ଷାକୁ ନେଇ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା ଯୋଗ ଦେଇ ପୋଲିସର ସହାୟତା ଯେ କୌଣସି ସମୟରେ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଂକ ମଧ୍ୟରେ ଡେଭଲପମେଣ୍ଟ ଅଲଟରନେଟିଭ ଗ୍ରୁପର ଶ୍ରୀ ଅବିନାଶ କୁମାର ଗୁପ୍ତା ଏଲ୍ ସି ଏର ପ୍ରସ୍ତୁତ ପ୍ରଣାଳୀ ଓ ଏହାର ଅଭିନବ ପୃଷ୍ଠଭୂମୀ ସମ୍ପର୍କରେ ବୁଝାଇଥିଲେ । ଏମ୍ ଏସ୍ ଟି ସିର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସତସାଇ ଭେଇକିଲ ସ୍କ୍ରାପେଜ୍ ସମ୍ପର୍କରେ ବୁଝାଇଥିଲେ । ପରେ ପରେ ବିଭିନ୍ନ ଶିଳ୍ପଦ୍ୟୋଗୀମାନଂକ ସହ ଖୋଲା ଆଲୋଚନା ଓ ପ୍ରଶ୍ନୋତ୍ତୋର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ରଜନୀକାନ୍ତ ସ୍ୱାଇଁ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବଇତୁରା ଦିପ୍ ପ୍ରମୁଖ ଯୋଗ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା . ୨୯୮ ତା. ୧୦.୦୫. ୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଅନୁଗୋଳ ।


GROWING
with GRACE
ANGUL


REGISTRATION
DESK
angul